NATIONAL NEWS BULLETIN (ODIA)

29 November - 2026

Mid Bulletin : 1.50 p.m.

ମୁଖ୍ୟ ସମ୍ବାଦ

- ନିଶା ବିରୁଦ୍ଧରେ ଦେଶବ୍ୟାପୀ ସକ୍ରିୟତା ବୃଦ୍ଧି ସହ ନିଶାମୁକ୍ତ ଯୁବ ଅଭିଯାନ ତ୍ୱରାନ୍ୱିତ ହୋଇଛି – କହିଲେ ପ୍ରଧାନମନ୍ତ୍ରୀ ।

– ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ କଲେ ଭାବ ବିନିମୟ ।

- ନୂଆଦିଲ୍ଲୀରେ ଆୟୋଜିତ ଡକ୍ଟର ଭୂପେନ ହଜାରିକାଙ୍କ ଜନ୍ମଶତବାର୍ଷିକୀ ସମାରୋହରେ ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ ।

- ଝାଡ଼ଖଣ୍ଡର ରାମଗଡ଼ ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ ୧୩ଜଣଙ୍କର ମୃତ୍ୟୁ ।

ଏବଂ

- ଖ୍ରୀଷ୍ଟଚର୍ଚ୍ଚ ଟେଷ୍ଟରେ ଆଜି ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ୍‌ରେ ସଂଗ୍ରହ କରିଛି ୩ ୱିକେଟ୍‌ରେ ୧୩୩ ରନ୍; ୨୪୬ରନ୍‌ରେ ଭାରତର ପ୍ରଥମ ଇନିଂସ୍ ସୀମିତ ।

ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ନିଶା ବିରୁଦ୍ଧରେ ଦେଶବ୍ୟାପୀ ସକ୍ରିୟତା ବୃଦ୍ଧି ପାଉଛି ଏବଂ ନିଶାମୁକ୍ତ ଯୁବ ଅଭିଯାନ ତ୍ୱରାନ୍ୱିତ ହୋଇଛି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କ ସହ ଭାବ ବିନିମୟ କରି ଶ୍ରୀ ମୋଦୀ କହିଛନ୍ତି ସମଗ୍ର ବିଶ୍ୱରେ ଭାରତର ଯୁବବର୍ଗଙ୍କ ପ୍ରତିଭା ଉପରେ ବ୍ୟାପକ ଆଲୋଚନା ହେଉଛି । ଯୁବବର୍ଗ ସ୍ୱପ୍ନ ଦେଖିବା ସହ ତାକୁ ସାକାର କରିବାରେ ନିଷ୍ଠା ଏବଂ ଆନ୍ତରିକତାର ସହ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ତେବେ ନିଶାଦ୍ରବ୍ୟ ସେବନ କେତେକ କ୍ଷେତ୍ରରେ ସେମାନଙ୍କ ପାଇଁ ପ୍ରତିବନ୍ଧକ ଭାବେ ଉଭା ହେଉଛି ।

V/O (PM Drugs)

ପ୍ରଧାନମନ୍ତ୍ରୀ କହିଛନ୍ତି ନିଶାଦ୍ରବ୍ୟ ପ୍ରଥମେ ବହୁ ଉପଭୋଗ୍ୟ ସାମଗ୍ରୀ ହୋଇଥିବାବେଳେ ପରବର୍ତ୍ତୀ ପରିସ୍ଥିତିରେ ଏହା କେବଳ ବ୍ୟକ୍ତିଗତ ସ୍ତରରେ ନୁହଁ ସାମାଜିକ ଏବଂ ପାରିବାରିକ କ୍ଷେତ୍ରରେ ବହୁ କ୍ଷତି ପହଞ୍ଚାଇଥାଏ ।

ଡିଜିଟାଲ ପ୍ଲାଟଫର୍ମ ଆଇଗଟ୍ କର୍ମଯୋଗୀ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସରକାରୀ କର୍ମଚାରୀ କିଛି ନୂଆ ଶିଖିବା ପାଇଁ ଉତ୍ସାହ ଦେଖାଉଛନ୍ତି । ଏହି ପ୍ଲାଟଫର୍ମ ମାଧ୍ୟମରେ ୧୭ଟି ଭାରତୀୟ ଭାଷାରେ ସରକାରୀ କର୍ମଚାରୀଙ୍କ ପାଇଁ ୭ହଜାରରୁ ଅଧିକ ପାଠ୍ୟକ୍ରମ ଉପଲବ୍ଧ ହେଉଛି ।

ସଞ୍ଚାର ସାଥୀ ଡିଜିଟାଲ ପ୍ଲାଟଫର୍ମ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ମୋବାଇଲ ଫୋନ୍ ପୁର୍ନଉଦ୍ଧାର କରିବାରେ ଏହା ବେଶ୍ ସହାୟକ ହେଉଛି । ଏହା ମାଧ୍ୟମରେ ୫ହଜାର କୋଟି ଟଙ୍କାରୁ ଅଧିକ ଅର୍ଥର ସମ୍ଭାବ୍ୟ କ୍ଷତିକୁ ରୋକାଯାଇ ପାରିଛି ।

ପାଟ୍ନାର ବିହାର ସଂଗ୍ରହାଳୟ ବିଶ୍ୱର ୧୦୦ଟି ଶ୍ରେଷ୍ଠ ସଂଗ୍ରହାଳୟ ତାଲିକାରେ ୯ମ ସ୍ଥାନରେ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ସଂଗ୍ରହାଳୟ ଏସିଆରେ ପ୍ରଥମ ସ୍ଥାନ ହାସଲ କରିଛି । ସଂଗ୍ରହାଳୟରେ ୫ହଜାରରୁ ଅଧିକ ପ୍ରାଚୀନ କଳାକୃତୀ ପ୍ରଦର୍ଶିତ ହେଉଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ।

V/O (PM Measum)

ଶ୍ରୀ ମୋଦୀ କହିଛନ୍ତି କଳା, ସ୍ଥାପତ୍ୟ ଏବଂ ଡିଜାଇନ୍ ପ୍ରସ୍ତୁତିର ଏକ ମହୋତ୍ସବ ଇଣ୍ଡିଆ ବାଇଏନେଲ୍ ଆସନ୍ତା ମାସ ପ୍ରଥମ ସପ୍ତାହରୁ ଦିଲ୍ଲୀରେ ଆରମ୍ଭ ହେବାକୁ ଯାଉଛି । ୧୦୮ ଦିନ ପାଇଁ ଚାଲିବାକୁ ଥିବା ଏହି ମହୋତ୍ସବ ଦେଶର ଐତିହ୍ୟ ସ୍ମାରକୀ, ସଂଗ୍ରହାଳୟ ଏବଂ କଳାକୃତୀ ସମ୍ପନ୍ନ ଗ୍ୟାଲେରୀଗୁଡ଼ିକ ପାଇଁ ଏକ ମଞ୍ଚ ପ୍ରଦାନ କରିବ । ଏହାକୁ ବୁଲି ଦେଖିବାକୁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଭାରତରେ ପ୍ରସ୍ତୁତ ଗୁଡ଼ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ତାମିଲନାଡୁର ଇରୋଡରୁ ପ୍ରସ୍ତୁତ ଜୈବିକ ଗୁଡ଼ ୟୁରୋପ ବଜାରରେ ପହଞ୍ଚିପାରିଛି । ଭାରତୀୟ ଚକ୍‌ଲେଟ୍ ମଧ୍ୟ ବିଶ୍ୱସ୍ତରରେ ଆଦୃତ ହୋଇପାରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଗତବର୍ଷ ଚକ୍‌ଲେଟ୍ ଏକ କୋକଆ ଭିତ୍ତିକ ଉତ୍ପାଦର ରପ୍ତାନୀ ୨୫ ପ୍ରତିଶତ ବୃଦ୍ଧି ପାଇଛି ।

ଫିଟ୍ ଇଣ୍ଡିଆ ଅଭିଯାନ ଅନ୍ତର୍ଗତ ସଣ୍ଡେଜ୍ ଅନ୍ ସାଇକଲ ପଦକ୍ଷେପ ୧୦୦ ସଂସ୍କରଣ ପୂରଣ କରିଛି । ଏହା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ପ୍ରାୟ ୩୦ହଜାରରୁ ଅଧିକ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ୩୭ ଲକ୍ଷରୁ ଅଧିକ ଲୋକ ଅଂଶଗ୍ରହଣ କରିସାରିଛନ୍ତି ।

V/O (PM Fit India)

ଶ୍ରୀ ମୋଦୀ କ୍ରୀଡ଼ା କ୍ଷେତ୍ରରେ ଭାରତର ସଫଳତା ଉପରେ ଆଲୋକପାତ କରି ୨୦୩୨ ୟୁ.ସି.ଆଇ ରୋଡ଼ ବିଶ୍ୱ ଚାମ୍ପିୟନସିପ୍ ପ୍ରତିଯୋଗିତା ପୁନେଠାରେ ଆୟୋଜିତ ହେବ ବୋଲି ସୂଚନା ଦେଇଛନ୍ତି । ଖାଦ୍ୟ ପ୍ରସ୍ତୁତିରେ ତେଲ ବ୍ୟବହାରକୁ ୧୦ ପ୍ରତିଶତ ହ୍ରାସ କରିବାକୁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ମନ୍ କି ବାତ୍ କାର୍ଯ୍ୟକ୍ରମ ପାଇଁ ପ୍ରତି ମାସରେ ମିଳୁଥିବା ବାର୍ତ୍ତା ଦେଶର ବିଭିନ୍ନ ସ୍ଥାନରେ ଘଟୁଥିବା ଉଲ୍ଲେଖନୀୟ ପଦକ୍ଷେପ ଗୁଡ଼ିକ ଉପରେ ଜାଣିବାର ସୁଯୋଗ ପ୍ରଦାନ କରୁଛି । ଲୋକଙ୍କ ଯୋଗୁଁ ଏବଂ ଲୋକଙ୍କ ଦ୍ୱାରା କରାଯାଉଥିବା ଉତ୍କୃଷ୍ଟ କାର୍ଯ୍ୟ ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇପାରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପିଏମ୍-ଭୂପେନ ହଜାରିକା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସଂଧ୍ୟାରେ ନୂଆଦିଲ୍ଲୀରେ ଡକ୍ଟର ଭୂପେନ ହଜାରିକାଙ୍କ ଜନ୍ମ ଶତବାର୍ଷିକୀ ସମାରୋହର ଉଦ୍‌ଯାପନୀ ଉତ୍ସବରେ ଅଂଶଗ୍ରହଣ କରିବେ । ଏହି ଅବସରରେ ସେ ଜନସମାବେଶକୁ

ସମ୍ବୋଧନ କରିବେ । ଆସାମର ସାଦୀୟାଠାରେ ୧୯୨୬ ମସିହା ସେପ୍ଟେମ୍ବର ମାସ ୮ ତାରିଖରେ ଡକ୍ଟର ଭୂପେନ ହଜାରିକା ଜନ୍ମଗ୍ରହଣ କରିଥିଲେ । ଆସାମର ସାଂସ୍କୃତିକ ଇତିହାସରେ ତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି । ସେ 'ସୁଧାକଣ୍ଠ' ଏବଂ 'ବାର୍ଡ ଅଫ୍ ବ୍ରହ୍ମପୁତ୍ର' ଭାବରେ ପରିଚିତ । ସେ ଥିଲେ ଜଣେ ବିଶିଷ୍ଟ ଗାୟକ, ଗୀତିକାର, ଚଳଚ୍ଚିତ୍ର ନିର୍ମାତା । ତାଙ୍କର ସୃଜନାତ୍ମକ କାର୍ଯ୍ୟ ଏବଂ ସୁମଧୁର ସ୍ୱର ଜନସାଧାରଣଙ୍କୁ ଆକୃଷ୍ଟ କରିଥିଲା । ମରଣୋତ୍ତର ଭାବେ ୨୦୧୯ ମସିହାରେ ଡକ୍ଟର ହଜାରିକାଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଗତବର୍ଷ ଡକ୍ଟର ହଜାରିକାଙ୍କର ଜନ୍ମ ଶତବାର୍ଷିକୀ ଆରମ୍ଭ ହୋଇଥିଲା ।

ଝାଡ଼ଖଣ୍ଡ ଆକ୍ସିଡେଣ୍ଟ

ଝାଡ଼ଖଣ୍ଡର ରାମଗଡ ଜିଲ୍ଲା ଅନ୍ତର୍ଗତ ରାଞ୍ଚି-ପାଟ୍ନା ରାଜପଥର ପଇଙ୍କି ଗ୍ରାମ ନିକଟରେ ଆଜି ଏକ ସଡ଼କ ଦୁର୍ଘଟଣାରେ ୧୩ଜଣଙ୍କର ମୃତ୍ୟୁ ହୋଇଛନ୍ତି । ବିହାରର ନାଳନ୍ଦା ଜିଲ୍ଲା ଅନ୍ତର୍ଗତ ଏହି ଲୋକମାନଙ୍କୁ ନେଇ ଯାଉଥିବା ଏକ ଦ୍ରୁତଗାମୀ ଏସ୍‌ୟୁଭି ଗାଡ଼ି' ଅନ୍ୟଏକ ଗାଡ଼ିକୁ ଧକ୍କା ଦେବାରୁ ଦୁର୍ଘଟଣା ଘଟିଥିବା ଜଣାପଡିଛି । ପୁଲିସ ଘଟଣାର ତଦନ୍ତ କରୁଛି ।

ଦୁର୍ଘଟଣା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖପ୍ରକାଶ କରିଛନ୍ତି । ପୃଥକ୍ ପୃଥକ୍ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ ଓ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଶ୍ରୀ ମୋଦୀ ଘୋଷଣା କରିଛନ୍ତି ।

ରାଜନାଥ-ଏନ୍‌ଡିଏ କ୍ୟାଣ୍ଡିଡେଟ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଆଧୁନିକ ଯୁଦ୍ଧ ଏବେ ବିଭିନ୍ନ କ୍ଷେତ୍ରକୁ ବିସ୍ତାର କରିଛି । ସ୍ଥଳ, ଜଳ ଏବଂ ବାୟୁ ମଧ୍ୟରେ ଏହା ସୀମିତ ନ ରହି ସାଇବର, ମହାକାଶ ଏବଂ କୃତ୍ରିମ ବୁଦ୍ଧିମତା କ୍ଷେତ୍ରକୁ ସାମିଲ କରିଛି ବୋଲି ସେ କହିଛନ୍ତି । ପୁନେର ଖଡପଓ୍ୱାସଲାସ୍ଥିତ କ୍ଷେତ୍ରପାଳ ପରେଡ୍ ପଡ଼ିଆରେ ଆୟୋଜିତ ଜାତୀୟ ପ୍ରତିରକ୍ଷା ଏକାଡେମୀ ଏନ୍‌ଡିଏର ୧୫୧ତମ ପାଠ୍ୟକ୍ରମର ପାସିଂଆଉଟ୍ ପରେଡ୍‌କୁ ସମ୍ବୋଧନ କରି ପ୍ରତିରକ୍ଷା ମନ୍ତ୍ରୀ ଏହା କହିନ୍ତି । ପରିବର୍ତ୍ତନଶୀଳ ପରିସ୍ଥିତି ସହ ଖାପ ଖୁଆଇବା ଏବଂ ମାନବରୁ ମେସିନ୍ ଶକ୍ତିକୁ ରୂପାନ୍ତରଣର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ପରେଡ୍‌ରେ ଅଭିବାଦନ ଗ୍ରହଣ

କରି କଠିନ ପରିସ୍ଥିତିରେ ନିଷ୍ପତ୍ତି ନେବା ଏବଂ ପରିବାରଠାରୁ ଦୂରରେ ରହିବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ କ୍ୟାଡେଟ୍‌ଙ୍କୁ ପ୍ରତିରକ୍ଷାମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଶ୍ରୀ ସିଂହ ଅନ୍ୟ ରାଷ୍ଟ୍ରଗୁଡ଼ିକ ସହିତ ଭାରତର ସମ୍ପର୍କ ଏବଂ କ୍ୟାଡେଟ୍‌କୁ ପ୍ରଦାନ କରାଯାଉଥିବା ସାମରିକ ତାଲିମ ଉପରେ ଆଲୋକପାତ କରିଛନ୍ତି । ମୋଟ୍ ୩୬୯ଜଣ କ୍ୟାଡେଟ୍ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା କ୍ୟାଡେଟ୍‌କୁ ପୁରସ୍କାର ପ୍ରଦାନ କରାଯାଇଛି ।

ଡିଜାଷ୍ଟର ମ୍ୟାନେଜମେଣ୍ଟ

ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଗତକାଲିଠାରୁ ବିଶ୍ୱ ବିପର୍ଯ୍ୟୟ ପରିଚାଳନା ସମ୍ମିଳନୀ ଆରମ୍ଭ ହୋଇଛି । ସିଲ୍‌କ୍ୟାରା ସୁଡ଼ଙ୍ଗରେ ସଫଳତାର ସହ ଉଦ୍ଧାରକାର୍ଯ୍ୟ ଶେଷ ହୋଇଥିବା ତୃତୀୟ ବାର୍ଷିକୀ ସ୍ମୃତିଚାରଣ ସହ ଏହି ତିନିଦିନିଆ ସମ୍ମିଳନୀ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ପୁଷ୍କରସିଂହ ଧାମି ଏହାକୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଆଲୋଚନା ପାଇଁ ଏହି ସମ୍ମିଳନୀରେ ଏକ ଆନ୍ତର୍ଜାତିକ ମଞ୍ଚ ପ୍ରଦାନ କରୁଛି । ଏହି ଅବସରରେ ସିଲ୍‌କ୍ୟାରା ସୁଡ଼ଙ୍ଗରେ ଅଟକି ରହିଥିବା ୪୧ଜଣ ଶ୍ରମିକଙ୍କ ଉଦ୍ଧାର ଉପରେ ଆଲୋକପାତ କରିଛନ୍ତି । ୧୭ଦିନର ନିରବଚ୍ଛିନ୍ନ ପ୍ରୟାସ ପରେ

ସେମାନଙ୍କୁ ୨୦୨୩ ନଭେମ୍ବର ୨୮ ତାରିଖରେ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ମାନବତା, ସାହସ ଏବଂ ସାମୁହିକ ସଂକଳ୍ପର ଏହା ଐତିହାସିକ ବିଜୟ ଥିଲା ବୋଲି ଶ୍ରୀ ଧାମି କହିଛନ୍ତି ।

ସମ୍ମିଳନୀରେ ୫୦ରୁ ଅଧିକ ଦେଶର ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞ, ଗବେଷକ, ଶିକ୍ଷାବିତ୍ ଓ ପ୍ରତିନିଧି ଅଂଶଗ୍ରହଣ କରୁଛନ୍ତି । ଏଥିସହ ୩୦ରୁ ଅଧିକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧି ମଧ୍ୟ ସମ୍ମିଳନୀ ଅବସରରେ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ।